ISSN -2583-147X(P), **Vol.- 8, Issue No. VI, September 2022**
**Bastabatara Pariprakash Prachee**
***Peer Reviewed and Referred Research Journal***

# ରାଜା ଇନ୍ଦ୍ରଭୂତି ଓ ଶ୍ରୀଜଗନ୍ନାଥ

**ରୁବିନା ପାତ୍ର**

ପୃଥିବୀ ପୃଷ୍ଠରେ ଭଗବାନ୍ ବିଷ୍ଣୁ ଦଶଗୋଟି ଅବତାରରେ ଅବତୀର୍ଣ୍ଣ ହୋଇଛନ୍ତି- ମୀନ, କଚ୍ଛପ, ବରାହ, ନୃସିଂହ, ବାମନ, ପର୍ଶୁରାମ, ରାମ, ହଳଧର, ବୁଦ୍ଧ, କଲ୍କୀ ବା ଜଗନ୍ନାଥ, ନବମ ଅବତାରରେ ଭଗବାନ୍ ବିଷ୍ଣୁ ବୁଦ୍ଧ ରୂପେ ଜନ୍ମଗ୍ରହଣ କରି ସଂସାରରେ ବୌଦ୍ଧଧର୍ମର ପ୍ରତିଷ୍ଠା କଲେ । ବୌଦ୍ଧଧର୍ମରେ ରାଜା ଇନ୍ଦ୍ରଭୂତିଙ୍କ ନାମ ଅତ୍ୟନ୍ତ ପରିଚିତ । ଭଗବାନ ବୁଦ୍ଧଙ୍କର ମହାପରିନିର୍ବାଣ ପରେ ବୌଦ୍ଧଧର୍ମ ଦୁଇଭାଗରେ ବିଭକ୍ତ ହୋଇଗଲା । ମହାଯାନ ଓ ହୀନଯାନ ରୂପେ ଦୁଇଭାଗ ହେଲା ପରେ ମହାଯାନ ଗୋଷ୍ଠୀରୁ ବଜ୍ରଯାନ, ସହଜଯାନ ଓ କାଳଚକ୍ର ଯାନର ଉପଶାଖା ଯାନ ଉନ୍ମେଷ ଘଟିଥିଲା:-

ରାଜା ଇନ୍ଦ୍ରଭୂତି ଖ୍ରୀଷ୍ଟୀୟ ଷଷ୍ଠ/ସପ୍ତମ ଶତାବ୍ଦୀ ବେଳକୁ ବଜ୍ରଯାନର ପ୍ରଚାର କରିଥିଲେ । ରାଜା ଇନ୍ଦ୍ରଭୂତି ସମ୍ବଲ ରାଜ୍ୟର ରାଜା ଥିଲେ । ଇନ୍ଦ୍ରଭୂତିଙ୍କ ଭଉଣୀ ଲକ୍ଷ୍ମୀଙ୍କର, ଲଙ୍କାପୁରୀର ରାଜା ଜଳେନ୍ଦ୍ରଙ୍କ ପୁତ୍ରକୁ ମାତ୍ର ସାତବର୍ଷ ବୟସରେ ବିବାହ କରିଥିଲେ । ମହାପଣ୍ଡିତ ରାହୁଲ ସାଂକୃତ୍ୟାୟନ ଆଧୁନିକ ସମ୍ବଲପୁରକୁ ତତ୍କାଳୀନ ସମ୍ବଳ ଆଧୁନିକ ସୋନପୁରକୁ ଲଙ୍କାପୁରୀ ଭାବରେ ଗ୍ରହଣ କରିଛନ୍ତି ।

ଇନ୍ଦ୍ରଭୂତିସ୍ୱଗ୍ରନ୍ଥ 'ଜ୍ଞାନସିଦ୍ଧି'ରେ ବୁଦ୍ଧଙ୍କୁ ଜଗନ୍ନାଥ ରୂପେ ଚିତ୍ରଣ କରିଛନ୍ତି । ଶ୍ରୀଜଗନ୍ନାଥ ଯେ ବୁଦ୍ଧ ଏକଥା ସାରଳା ଦାସ 'ମହାଭାରତରେ' ସ୍ୱୀକାର କରିଛନ୍ତି । 'ରୁଦ୍ର ଯାମଳତନ୍ତ୍ର' ଗ୍ରନ୍ଥରେ ଶ୍ରୀ ଜଗନ୍ନଥଙ୍କୁ ତନ୍ତ୍ରର ଦେବତା ରୂପେ ସୂଚିତ କରାଯାଇଛି ।

ପ୍ରତିପତ୍ୟ ଜଗନ୍ନାଥଂ ସର୍ବଜୀନଂ ବରାର୍ଚ୍ଚିତମ୍
ସର୍ବ ବୁଦ୍ଧମୟ ସିଦ୍ଧି ବ୍ୟାପିନଂ ଗଗନୋପ ମମ୍
ସଃ ଗୁରୁଶିଷ୍ୟ ସଂଗ୍ରାହୀ ସର୍ବ ବୁଦ୍ଧାନୁକାର କହଃ
ଇତ୍ୟୁବାଚ ଜଗନ୍ନାଥୋ ନାନୌ ବୈଗୁରୁବଃ ସ୍ମତା ।
(ଜ୍ଞାନସିଦ୍ଧିଃ ଇନ୍ଦ୍ରଭୂତ)

ଇନ୍ଦ୍ରଭୂତି ଜଗନ୍ନାଥଙ୍କ ଠାରେ ଦର୍ଶନ କଲେ 'ସର୍ବବୁଦ୍ଧମୟ' । ଏହାର ଅର୍ଥ ଗୌତମ ବୁଦ୍ଧଙ୍କ ସମତେ ଯେତେ ବୁଦ୍ଧ ସମସ୍ତେ ଜଗନ୍ନାଥଙ୍କ ଠାରେ କେନ୍ଦ୍ରୀଭୂତ । ବୁଦ୍ଧଙ୍କର ଜଗନ୍ନାଥଙ୍କ ସହିତ ଅନେକ ସାମଞ୍ଜସ୍ୟ ରହିଛି । ବୁଦ୍ଧ, ଧର୍ମ ଓ ସଂଘର ସମଷ୍ଟିଗତ ନାମ 'ତ୍ରିରତ୍ନ', ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ଏହି ତ୍ରିରତ୍ନର ସଂକେତ ବହନ କରିଛନ୍ତି । ଜଗନ୍ନାଥ ହିଁ ବୁଦ୍ଧଙ୍କ ପ୍ରତୀକ । ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ମଧ୍ୟ ତ୍ରିରତ୍ନକୁ ବୁଦ୍ଧ, ସଂଘ ଓ ଧର୍ମକୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ଭାବରେ ଗ୍ରହଣ କରିଛନ୍ତି ଏବଂ ବୌଦ୍ଧ ଧର୍ମର ଚକ୍ରକୁ ସୁଦର୍ଶନ ଚକ୍ର ରୂପେ ତୁଳନା କରାଯାଇଛି ।

ଆଦିକବି ସାରଳା ଦାସ ମଧ୍ୟ ବୁଦ୍ଧଙ୍କୁ ଜଗନ୍ନାଥ ବୋଲି ସ୍ୱୀକାର କରିଛନ୍ତି । ସେ ସ୍ୱଗ୍ରନ୍ଥ ମହାଭାରତରେଏହା ପ୍ରମାଣିତ ମଧ୍ୟ କରିଛନ୍ତି ।

ବନ୍ଦଇ ଶ୍ରୀଜଗନ୍ନାଥ ବଇକୁଣ୍ଠବାସୀ
ବୁଦ୍ଧ ରୂପେ ନୀଳଗିରିଶିଖେ ଅଛି ବସି
ବଉଦ୍ଧ ରୂପରେ କଳିଯୁଗେ ଅବତାର
ହୋଇଣ ପାପୀଜନଙ୍କୁ କରୁଛ ଉଦ୍ଧାର ।

**ପ୍ରଚ୍ଛନ୍ନବୁଦ୍ଧ : ବୁଦ୍ଧରୂପୀଜଗନ୍ନାଥ**

ବୈଶାଖ ପୂର୍ଣ୍ଣିମା ବୌଦ୍ଧଧର୍ମର ଏକ ପବିତ୍ର ପୂର୍ଣ୍ଣିମା ବୋଲି ଖ୍ୟାତ । ଏହି ତିଥିରେ ବୁଦ୍ଧଦେବ ଜନ୍ମ ନିର୍ବାଣ ଏବଂ ପରିନିର୍ବାଣ ଲାଭ କରିଥିବା ହେତୁ ବୌଦ୍ଧମାନେ ଏହି ତିଥିକୁ ତ୍ରିବିଧ ପୁଣ୍ୟ ଦିବସ ରୂପେ ପାଳନ କରନ୍ତି ।

ବୈଶାଖ ପରେ ଆସେ ଜ୍ୟେଷ୍ଠ ପୂର୍ଣ୍ଣିମା । ଏହା ଦେବସ୍ନାନ ପୂର୍ଣ୍ଣିମା ନାମରେ ବିଦିତ । ଏହି ଦିନ ଶ୍ରୀଜଗନ୍ନାଥଙ୍କୁ ସ୍ନାନ ମଣ୍ଡପକୁ ଅଣାଯାଏ । ପ୍ରଭୁ ଜଗନ୍ନାଥ ବିଷ୍ଣୁ ରୂପରୁ ସମ୍ପୂର୍ଣ୍ଣ ବୁଦ୍ଧରୂପ ଗ୍ରହଣ କରିବେ । ମିଶିଯିବେ ଜନତା ସଙ୍ଗରେ ଧୂଳିରେ ଧୂଳିହୋଇ । ଏହାପରେ ଜଗନ୍ନାଥଙ୍କୁ ହସ୍ତୀବେଶ ବା ଗଜବେଶ କରାଯାଏ ।

ଏହି ଗଜବେଶ ବୁଦ୍ଧଦେବଙ୍କ ଜନ୍ମବୃତ୍ତାନ୍ତ ସହିତ ଜଡ଼ିତ । କଥିତ ଅଛି ଯେ, ବୁଦ୍ଧଙ୍କ ମାତା ମାୟାଦେବୀଙ୍କର ସନ୍ତାନସନ୍ତତି ହେଉ ନଥିବାରୁ ସେ ବିବିଧ ଧର୍ମାଚରଣ କଲେ । ଦିନେ ରାତ୍ର ସମୟରେ ସ୍ୱପ୍ନ ଦେଖିଲେ ହିମାଳୟ ଉପରୁ ଏକ କମନୀୟ ଶ୍ୱେତହସ୍ତୀ ଶୂନ୍ୟେ ଶୂନ୍ୟେ ଚାଲିଆସି ରାଣୀଙ୍କ ଗର୍ଭରେ ପ୍ରବେଶ କରୁଛି । ସ୍ୱପ୍ନ ଓ ନିଦ୍ରା ଭାଙ୍ଗିଯିବା ପରେ ଏହି ସ୍ୱପ୍ନର ରହସ୍ୟ ଜଣାଗଲା ଯେ ରାଣୀ ମାୟାଦେବୀ ଗର୍ଭବତୀ ଅଛନ୍ତି । ସେହି ଗର୍ଭରୁ ଜନ୍ମନେଲେ ଗୌତମବୁଦ୍ଧ । ସେଥିପାଇଁ ସ୍ନାନପୂର୍ଣ୍ଣିମୀର ଜଗନ୍ନାଥଙ୍କର ହାତୀ ବେଶକୁ ବୁଦ୍ଧଦେବଙ୍କ ଜନ୍ମ ରହସ୍ୟର ପ୍ରତୀକ ବୋଲାଯାଏ ।

ସ୍ନାନସାରି ବଡ଼ଠାକୁର ଚାଲି ଯାଆନ୍ତି ବଡ଼ଦେଉଳକୁ କିନ୍ତୁ ରତ୍ନସିଂହାସନରେ ବିରାଜମାନ ନହୋଇ ବିରାଜ ହୁଅନ୍ତି ଜଗମୋହନର ଚଟାଣ ଉପରେ ଜଗମୋହନରେ ପ୍ରାୟ ପନ୍ଦରଦିନ ରୁହନ୍ତି । ଏହାକୁ ଅଣସର ବା ଅଣବାସ ବୋଲି କୁହନ୍ତି । କୁହାଯାଏ ସ୍ନାନ ପରେ ପରେ ମହାପ୍ରଭୁଙ୍କୁ ଥଣ୍ଡା ହୋଇଯାଏ ଏବଂ ପ୍ରଭୁ ଅଣସର ଘରେ ରୁହନ୍ତି କିନ୍ତୁ ଅଣବାସ (ଅଣୁବାସ)ର ତାତ୍ତ୍ୱିକ ଅର୍ଥ ଗର୍ଭସ୍ଥ ହେବା । ଏଣୁ ଜଗନ୍ନାଥଙ୍କର ଅଣୁବାସ ସମୟଟି ବୁଦ୍ଧଙ୍କର ମାତୃଗର୍ଭରେ ଅବସ୍ଥିତିର ସୂଚନା ଦିଏ ।

ଆଷାଢ଼ ଅମାବାସ୍ୟା ପରେ ପରେ ଅନୁଷ୍ଠିତ ହୁଏ ଶ୍ରୀଜଗନ୍ନାଥଙ୍କର 'ନବଯୌବନ' ଦର୍ଶନ । ଏହା ପ୍ରକୃତରେ 'ନବଜୀବନ' ଦର୍ଶନ ଉତ୍ସବକୁ ବୁଝାଏ । 'ନବଜୀବନ'ର ତାତ୍ପର୍ଯ୍ୟ ହେଉଛି ବୁଦ୍ଧଙ୍କ ଜନ୍ମ ଅର୍ଥାତ୍ ଶ୍ରୀଜଗନ୍ନାଥ ବୁଦ୍ଧରୂପ ଗ୍ରହଣ କରିଥିଲେ ।

ଆଷାଢ଼ ଶୁକ୍ଳ ଦ୍ୱିତୀୟା ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ବା ଘୋଷଯାତ୍ରା ଯାହା ଆମକୁ ଅଢ଼େଇ ହଜାର ବର୍ଷ ପୂର୍ବର ସ୍ମୃତିକୁ ମନେ ପକାଇ ଦିଏ । ବର୍ଷା ମାସ ପୂର୍ବରୁ ଶ୍ରମଣମାନେ ବୁଦ୍ଧଦେବଙ୍କୁ ଏକ ରଥରେ ବସାଇ ଜନବସତି ଭିତରେ ବୁଲାଉଥିଲେ ଯାହାଦ୍ୱାରା କି ତଥାଗତବୁଦ୍ଧ ଜାତିବର୍ଣ୍ଣ ନିର୍ବିଶେଷରେ ଲୋକମାନଙ୍କୁ ସଦ୍ଧର୍ମ ଶୁଣାଇ ପାରିବେ ଏବଂ ସେମାନଙ୍କ ସାନ୍ନିଧ ଲାଭ କରିବେ । ଏବେ ମଧ୍ୟ ଶ୍ରୀଲଙ୍କାରେ ବୁଦ୍ଧଙ୍କ ଜାତିଭେଦକୁ ନେଇ ରଥଯାତ୍ରା ଅନୁଷ୍ଠିତ ହୁଏ । ଶ୍ରୀକ୍ଷେତ୍ରରେ ହେଉଥିବା ରଥଯାତ୍ରା ଅନୁଷ୍ଠିତ ହୁଏ । ଶ୍ରୀକ୍ଷେତ୍ରରେ ହେଉଥିବା ରଥଯାତ୍ରା ଆମକୁ ମହାନ୍ ବୌଦ୍ଧ ପରମ୍ପରା ସୂଚାଇ ଦିଏ । ନେତ୍ରୋତ୍ସବ ଠାରୁ ଶ୍ରୀଜଗନ୍ନାଥଙ୍କୁ ଜାତି, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ସ୍ପର୍ଶ କରିଥାନ୍ତି ।

ରଥଯାତ୍ରା ପରେ ବୁଦ୍ଧଦେବ ଆରାମ ବା ବିହାରରେ ଅବସ୍ଥାନ କରୁଥିଲେ । ଶ୍ରୀଜଗନ୍ନାଥଙ୍କର ଗୁଣ୍ଡିଚା ଘରେ ରହଣି ଏପରି ଅବସ୍ଥାନ ସ୍ମାରକୀ ।

ଶେଷରେ ତିନି ମୂର୍ତ୍ତି – ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ଯେଉଁମାନେ କି ବୌଦ୍ଧଧର୍ମର ବୁଦ୍ଧ, ଧର୍ମ ଓ ସଂଘ ପ୍ରତୀକ ଫେରି ଆସନ୍ତି ଶ୍ରୀମନ୍ଦିରର ରତ୍ନବେଦୀ ଉପରକୁ । ତ୍ରିରତ୍ନ ରତ୍ନବେଦୀ ଉପରେ ଆସୀନ ହୁଅନ୍ତି ।

ସ୍ନାନଯାତ୍ରାଠାରୁ ରଥଯାତ୍ରା ଶେଷ ପର୍ଯ୍ୟନ୍ତ ଜଗନ୍ନାଥଙ୍କ ସେବା ଅଣ-ବ୍ରାହ୍ମଣ ବା ଦଇତାପତିମାନେ କରିଥାନ୍ତି । ଏହି ପଦ୍ଧତି ବୌଦ୍ଧ ରୀତିର ଅନୁଗାମୀ ମନେହୁଏ । ବୌଦ୍ଧ ସାଧାରଣତଃ ବ୍ରାହ୍ମଣମାନଙ୍କ ବିରୋଧୀ ଅଟନ୍ତି । ବ୍ରାହ୍ମଣମାନଙ୍କ ଏକଚାଟିଆ ବ୍ୟବହାରର ବିରୋଧୀ ଥିଲେ ବୌଦ୍ଧମାନେ । ବୌଦ୍ଧଧର୍ମୀ କହୁଥିଲେ ସବୁ ଜାତି, ଧର୍ମ ସମାନ ତେଣୁ ରଥଯାତ୍ରା ସମୟରେ ଜଗନ୍ନାଥଙ୍କୁ ସବୁ ଧର୍ମ ଓ ଜାତିର ଲୋକମାନେ ସ୍ପର୍ଶ କରିପାରନ୍ତି ଏବଂ ଦଇତାପତିମାନେ ସେବାୟତ ହୋଇଥାନ୍ତି ।

ଶ୍ରୀଜଗନ୍ନାଥଙ୍କ ସ୍ନାନପୂର୍ଣ୍ଣିମୀଠାରୁ ରଥଯାତ୍ରା ଯାଏଁ ଭଗବାନ ବୁଦ୍ଧଙ୍କ ଚରିତର ଏକ ପ୍ରଚ୍ଛନ୍ନ ସମାରୋହ । ଜଗନ୍ନାଥଙ୍କ ପର୍ବପର୍ବାଣୀ ମଧ୍ୟରେ ଶ୍ରୀଗୁଣ୍ଡିଚା (ରଥଯାତ୍ରା) ଏବଂ ସ୍ନାନଯାତ୍ରା ପ୍ରଧାନ । ଏହି ଦୁଇଟି ପ୍ରଧାନ ପର୍ବ ବୌଦ୍ଧ ପରମ୍ପରା ସହିତ ଜଡ଼ିତ । ଏଥିରୁ ଶ୍ରୀଜଗନ୍ନାଥଙ୍କ ଠାରେ ବୁଦ୍ଧଙ୍କର ପ୍ରଚ୍ଛନ୍ନ ପ୍ରାବଲ୍ୟ ଦେଖାଯାଏ । ରାଜା ଇନ୍ଦ୍ରଭୂତିଙ୍କ ଜ୍ଞାନସିଦ୍ଧି ଗ୍ରନ୍ଥ ଯାହା ବୁଦ୍ଧଙ୍କୁ ଜଗନ୍ନାଥ ଓ ଜଗନ୍ନାଥଙ୍କୁ ବୁଦ୍ଧ ବୋଲି କହେ ।

**ସହାୟକସୂଚୀଗ୍ରନ୍ଥ:**


୧) ସାହୁ, ରାଧାକୃଷ୍ଣ- ବୁଦ୍ଧ-ଜଗନ୍ନାଥ, ଓଡ଼ିଶା ବୁକ୍ ଷ୍ଟୋର, ବିନୋଦ ବିହାରୀ, କଟକ-୭୫୩୦୦୨, ପ୍ରଥମ ମୁଦ୍ରଣ – ୧୯୯୯ ।

୨) ସକାଳ ସିନ୍ଦୁରା – ୨୩ ଅକ୍ଟୋବର, ୨୦୨୨

୩) ମହମ୍ମଦପୁର ବୌଦ୍ଧ ସଂଘ, ତଥାଗତ ବୁଦ୍ଧ ବିହାର, ମହମ୍ମଦପୁର, ନିଶ୍ଚିନ୍ତ କୋଇଲି, କଟକ, ସିଟିସି ନମ୍ବର ୧୯୧୫୮/୬୪-୨୦୨୨-୨୩



ଗବେଷିକା

ଭୁବନେଶ୍ୱର-୭୫୧୦୧୫

ମୋ- ୯୩୩୭୪୫୦୨୧୧